ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ମାର୍ଚ୍ଚ, ୨୦୨୩

## ଭାଜପା ପକ୍ଷରୁ ବୁଥ୍‌ସ୍ତରୀୟ କମିଟି ଗଠିତ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦି ପଶି ଗ୍ରାମ ୧୭୫ ନମ୍ବର ବୁଥ୍‌ରେ ଶୁକ୍ରବାର ଭାଜପା ପକ୍ଷରୁ ଶକ୍ତି କେନ୍ଦ୍ରସ୍ତରୀୟ କମିଟି ଗଠନ ହୋଇଛି। ଆୟୋଜିତ ସଭାରେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ତଥା ମହିଳା ନେତ୍ରୀ ମମିତା ନାଏକ, ଜିଲା ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସମବାରୀ ମୁଣ୍ଡା, ଜୟନ୍ତୀ ବାରିକ, ମହିଳା ମୋର୍ଚ୍ଚା ମଣ୍ଡଳ ସଭାନେତ୍ରୀ ରତ୍ନମଣି ମହାନ୍ତ, କୃଷକ ମୋର୍ଚ୍ଚା ସଭାପତି ମଧୁସୂଦନ ମହାନ୍ତ, ବିସ୍ତାରକ ସୁଜିତ୍ ଦାଶ, ଭାଜପା ବରିଷ୍ଠ ନେତା କପିଳ ବାରିକ, ପ୍ରମୋଦ ବାରିକ, ପଟେଲ ବାରିକ ପ୍ରମୁଖ ଯୋଗ ଦେଇଥିଲେ।



**ସଂକ୍ଷେପରେ**

### ଓଭରଲୋଡିଂ ହାଇୱାକୁ ୧ ଲକ୍ଷ ଜରିମାନା

ପଦ୍ମପୁର,୨୪।୩(ଡି.ଏନ.ଏ.)-ଓଭରଲୋଡିଂ ପାଇଁ ୧ ଲକ୍ଷ ଜରିମାନା। ଭଦ୍ରକ ଜିଲା ତିହିଡ଼ି-ଇଚ୍ଛାପୁର ରାସ୍ତା ଦେଇ ଏକ ବାଲି ବୋଝେଇ ହାଇୱା ଦ୍ରୁତଗତିରେ ଆସୁଥିବା ବେଳେ ତିହିଡ଼ି ଥାନା ନିକଟରେ ତହସିଲଦାରଙ୍କ ହାତରେ ଧରାପଡ଼ିଛି। ଶୁକ୍ରବାର ଅପରାହ୍ନରେ ଉକ୍ତ ହାଇୱା ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିଲା। ତିହିଡ଼ି ତହସିଲଦାର ପ୍ରତୀକ ସାହୁ ହାଇୱାକୁ ଅଟକାଇବା ପରେ ବାଲି ଓଭରଲୋଡ୍ ଥିବା ଜଣାପଡ଼ିଥିଲା। ଏଥିପାଇଁ ୧ ଲକ୍ଷ ଟଙ୍କା ଜରିମାନା କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଥିଲେ। ପରେ ମାଲିକ ପହଞ୍ଚି ଜରିମାନା ଦେଇ ଗାଡ଼ି ନେଇଥିବା ସୂଚନା ମିଳିଛି।

### ଶିମିଳିପାଳରୁ ଶିକାରୀ ଗିରଫ

ବାରିପଦା ଅଫିସ,୨୪।୩-ମୟୂରଭଞ୍ଜ ଶିମିଳିପାଳ ଅଭୟାରଣ୍ୟ ପିଠାବଟା ରେଞ୍ଜ ଅନ୍ତର୍ଗତ ପିଠାବଟା-୧ ବିଟ ଅଞ୍ଚଳରୁ ଜଣେ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗୋବନ୍ଦଚନ୍ଦ୍ରପୁର ଗ୍ରାମର ଲକ୍ଷ୍ମଣ ସିଂ। ସୂଚନା ଅନୁଯାୟୀ, ବନ ବିଭାଗ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଅଭୟାରଣ୍ୟକୁ ଶିକାରୀ ପଶୁଥିବାର ଖବର ପାଇ ବନ କର୍ମଚାରୀ ଚଢ଼ାଉ କରିଥିଲେ। ଶିକାରୀଙ୍କୁ ଗିରଫ କରିବା ସହ ତା ନିକଟରୁ ଲୁହା ରଡ଼, ଛୁରି, ଟର୍ଚ୍ଚ, ମଦ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

### ୪ ପଞ୍ଚାୟତିରାଜ ସଙ୍ଗଠନ ସଂଯୋଜକ ମନୋନୀତ

ଭଦ୍ରକ ଅଫିସ,୨୪।୩-ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲା ସଂଯୋଜକ ପ୍ରଦ୍ୟୁମ୍ନ କୁମାର ଦାସ ଓ ଭଦ୍ରକ-ବାଲେଶ୍ୱର ଜୋନ୍ ସଂଯୋଜକ ନଳିନୀକାନ୍ତ ମହାନ୍ତିଙ୍କ ସୁପାରିଶ, ସଙ୍ଗଠନର ଅଧକ୍ଷ ସୁଦର୍ଶନ ଦାସଙ୍କ ଅନୁମୋଦନ କ୍ରମେ ଭଦ୍ରକ ଜିଲାର ୩ ବ୍ଲକ ଏବଂ ବାସୁଦେବପୁର ପୌରାଞ୍ଚଳ ପାଇଁ ସଂଯୋଜକ ନିଯୁକ୍ତ କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକ ସଂଯୋଜକ ଭାବେ ରଣଜିତ ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋଜ କୁମାର ନାୟକ, ତିହିଡ଼ି ସଂଯୋଜକ ଜୟ ପ୍ରକାଶ ବେହେରା, ଧାମନଗର ସଂଯୋଜକ ସଂଗ୍ରାମ ନାୟକ ଏବଂ ବାସୁଦେବପୁର ପୌରାଞ୍ଚଳ ସଂଯୋଜକ ଭାବେ ରାକେଶ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି।

### ୫୦୦ ଲିଟର ଦେଶୀମଦ ଜବତ

ଔପଦା,୨୪।୩- ଔପଦା ପୋଲିସ ବେତେଇ ଗ୍ରାମ ନିକଟ ଜଙ୍ଗଲରେ ଚଢ଼ାଉ କରି ୨୦ ହଜାର ଲିଟର ପୋଚ ନଷ୍ଟ କରିବା ସହ ୫୦୦ଲିଟର ଦେଶୀ ମଦ ଜବତ କରିଛି। ପାହାଡ଼ିଆ ଅଞ୍ଚଳ ଓ ବିଭିନ୍ନ ସ୍ଥାନରେ ବେଆଇନ ଚୋରାମଦ ବିକ୍ରି ସହ ଭାଟି କରି ମଦ ବିକ୍ରି ଚାଲିଥିବା ଅଭିଯୋଗ ହେଉଥିଲା। ଥାନା ଅଧିକାରିଣୀ କମଳିନୀ ତାଣ୍ଡି ସଦଳବଳେ ମଦ ପ୍ରସ୍ତୁତି ସ୍ଥାନରେ ଚଢ଼ାଉ କରି ପୋଚକୁ ନଷ୍ଟ କରିବା ସହିତ ଦେଶୀ ମଦ ଜବତ କରଛନ୍ତି। ଏଥି ସହିମଦ ପ୍ରସ୍ତୁତିରେ ବ୍ୟବହୃତ ହାଣ୍ଡି, ବାଲ୍‌ଟି, ଡ୍ରମ ଇତ୍ୟାଦି ସରଞ୍ଜାମକୁ ଜବତ କରିଛନ୍ତି। ପୋଲିସର ଚଢ଼ାଉ ସମୟରେ ମଦ ବେପାରୀମାନେ ଖସି ପଳାଇଥିବା ସୂଚନା ମିଳିଛି।

# ଯକ୍ଷ୍ମା ନିୟନ୍ତ୍ରଣରେ ମୟୂରଭଞ୍ଜ ରାଜ୍ୟରେ ଶ୍ରେଷ୍ଠ

ବାରିପଦା ଅଫିସ,୨୪।୩



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଶାଳିନୀ ପଣ୍ଡିତଙ୍କଠାରୁ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ବିଶ୍ୱ ଯକ୍ଷ୍ମା ଦିବସରେ ମୟୂରଭଞ୍ଜ ଜିଲାକୁ ଶ୍ରେଷ୍ଠ ଯକ୍ଷ୍ମା ରୋଗ ମୁକ୍ତ ଜିଲା ଭାବେ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଶାଳିନୀ ପଣ୍ଡିତ ପୁରସ୍କୃତ କରିଛନ୍ତି। ଡାକ୍ତର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ସକାରାତ୍ମକ ସହଯୋଗ ଦ୍ୱାରା ଏହି ସଫଳତା ସମ୍ଭବ ହୋଇଥିବା ବେଳେ ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ସାଜିଛି।

ପ୍ରକାଶ ଯେ, ଜିଲାରେ 'ଟିବି ହାରିବ, ଦେଶ ଜିତିବ' ସ୍ଲୋଗାନକୁ ନେଇ ଯକ୍ଷ୍ମା ବିଭାଗ କାମ କରି ଆସୁଛି। ଭାରତ ସରକାରଙ୍କ ୨୦୨୫ ସୁଦ୍ଧା ଦେଶ ଯକ୍ଷ୍ମା ମୁକ୍ତ ଲକ୍ଷ୍ୟ କାର୍ଯ୍ୟକ୍ରମ ଅନୁସାରେ ମୟୂରଭଞ୍ଜ ଜିଲା ଯକ୍ଷ୍ମା ବିଭାଗ, ବେସରକାରୀ ଅନୁଷ୍ଠାନ, ଜିଲାର ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ସ୍ୱାସ୍ଥ୍ୟ ଅଧିକାରୀ ଓ ଲୋକ ପ୍ରତିନିଧି ନିଜକୁ ଉତ୍ସର୍ଗ କରିଛନ୍ତି। ଏଣୁକରି ତାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କ ସକାରାତ୍ମକ ସହଯୋଗ ବାସ୍ତବ ରୂପ ନେଇଛି। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲା ଓ ଓଡ଼ିଶାର ସବୁଠାରୁ ବଡ଼ ଜିଲା। ତାହା ସହିତ ଓଡ଼ିଶାର ସବୁଠାରୁ ବଡ ଯକ୍ଷ୍ମା ବିଭାଗ ଜିଲା। ଆୟତନ ଦୃଷ୍ଟି କୋଣରୁ ଏହି ଜିଲାରେ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ମଧ ସମସ୍ତଙ୍କ ବହୁତ କଷ୍ଟକର ଅନୁଭୂତି ରହିଥିବା ଡାକ୍ତର ମିଶ୍ର କହିଛନ୍ତି। ଜିଲାରେ ବର୍ତ୍ତମାନ ୨୬ଟି ବ୍ଲକ୍‌ରେ ୨୬ଗୋଟି ସ୍ୱତନ୍ତ୍ର ଯକ୍ଷ୍ମା ୟୁନିଟ କାର୍ଯ୍ୟ କରୁଛି। ଜିଲାବାସୀଙ୍କ ଓ ସରକାରୀ କର୍ମଚାରୀଙ୍କ ସକାରାତ୍ମକ ମାନସିକତା ଜିଲାକୁ ଯକ୍ଷ୍ମାମୁକ୍ତ କାର୍ଯ୍ୟକ୍ରମ ପାଇଁ ଅଗ୍ରଣୀ ଜିଲା ହିସାବରେ ପରିଗଣିତ କରିଛି। ବର୍ଷ ରାଜ୍ୟ ସରକାର ମୟୂରଭଞ୍ଜ ଜିଲାକୁ ଯକ୍ଷ୍ମାମୁକ୍ତ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ କାମ ପାଇଁ ବିଶ୍ୱ ଯକ୍ଷ୍ମା ଦିବସରେ ଏକ ନମ୍ବର ଜିଲା ଭାବେ ଘୋଷଣା କରିଛନ୍ତି। ଯକ୍ଷ୍ମାରୁ ମୁକ୍ତ ହୋଇଥିବା ଯୁବତୀଯୁବକ ଯକ୍ଷ୍ମା ଚାମ୍ପିୟନ ଭାବେ ଅଭିଯାନରେ କାର୍ଯ୍ୟକରି ପ୍ରଶଂସା ସାଉଁଟୁଛନ୍ତି। ଏହି ସଫଳତା ସମସ୍ତଙ୍କୁ ଆଗାମୀ ନୂତନ ବର୍ଷରେ କାର୍ଯ୍ୟ ସମ୍ପାଦନାରେ ଉତ୍ସାହ ଦେବା ସହିତ ଯକ୍ଷ୍ମା ମୁକ୍ତ ଦେଶ ଗଠନରେ ମୟୂରଭଞ୍ଜ ଜିଲା ଅଗ୍ରଣୀ ରହିବ ବୋଲି ମତପ୍ରକାଶ ପାଇଛି।

## ବଳିଦାନ ଦିବସରେ ୪୧୪ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାନ ଶିବିର।

ଭଦ୍ରକ ଅଫିସ, ୨୪।୩

ଭଦ୍ରକ ଶହୀଦ ଭଗତ ସେନା ପକ୍ଷରୁ ଗୁରୁବାର ବଳିଦାନ ଦିବସ ପାଳିତ ହୋଇଯାଇଛି। ସକାଳେ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ରଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପରେ ଚରମ୍ପାସ୍ଥିତ ଅଗ୍ରେସନ ଭବନରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମୁଖ୍ୟବକ୍ତା ଅଧକ୍ଷ ଶିବପ୍ରସାଦ ଖାମୁରାଇ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଶହୀଦ ଭଗତ ସେନାର ଆବାହକ ମହାପାତ୍ର ଯୋଗ ଦେଇଥିଲେ। ଦେଶ ସ୍ୱାଧୀନ ପାଇଁ ବହୁ ସଂଗ୍ରାମୀ ଶହୀଦ ହୋଇ ନିଜକୁ ବଳିଦାନ ଦେଇଥିଲେ। ସେମାନଙ୍କ ଆଦର୍ଶରୁ ଯୁବକମାନଙ୍କ ମଧ୍ୟରେ ଦେଶ ପ୍ରତି ଭଲପାଇବା ଜାଗ୍ରତ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଶିବିରରେ ୪୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ତଦନ୍ତ ଅଗ୍ରଗତି ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆରସି

**ଡାକ୍ତର ଶୁଭଶ୍ରୀ କର ମୃତ୍ୟୁ ଘଟଣା**

କେନ୍ଦୁଝର,୨୪।୩(ସ୍ୱ.ପ୍ର.)

ମହିଳା ଡାକ୍ତର ଶୁଭଶ୍ରୀ କରଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) କେନ୍ଦୁଝର ଏସ୍‌ପିଙ୍କୁ ବର୍ତ୍ତମାନ ସୁଦ୍ଧା ହୋଇଥିବା ତଦନ୍ତର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ବେଳେ ଘଟଣାକୁ ନେଇ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ କେସ ନଂ. ୪୫ରେ ଗ୍ରହଣ କରି ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ନୋଟିସ୍ କରିଥିଲେ। ପ୍ରକାଶ ଯେ, ଡାକ୍ତର ଶୁଭଶ୍ରୀ କର ଯୋଡ଼ା ବ୍ଲକ୍ ବନେଇକଳାସ୍ଥିତ ସହାରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଭାବେ କାମ କରୁଥିଲେ। ଗତ ଜାନୁୟାରୀ ୧ ତାରିଖ ଦିନ ସକାଳୁ ପୋଲିସ ତାଙ୍କ ମୃତଦେହ ବନ୍ଦ ଘରୁ କବାଟ ଭାଙ୍ଗି ଜବତ କରିଥିଲା। ଏହାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ବିଷକ୍ରୀୟା ହୋଇଥିବା ଜଣାପଡ଼ିଥିଲା। ତେବେ ପ୍ରକୃତ କାରଣ କ'ଣ ତାହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଏ ନେଇ କୌଣସି ସର୍ବିଶେଷ ନିର୍ଷ୍କସ ମିଳିନଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ମୃତ୍ୟୁ ପାଇଁ ତାଙ୍କ ପୁରୁଷ ବନ୍ଧୁ ଡାକ୍ତର ଦିବ୍ୟରଞ୍ଜନ ମାଝୀଙ୍କ ସମେତ ୩ ଜଣଙ୍କୁ ଦାୟୀ କରି ପରିବାର ସଦସ୍ୟ ଯୋଡ଼ା ଥାନାରେ ଏତଲା ଦେଇଥିଲେ।

## ବ୍ଲକ କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

ମୋରଡ଼ା,୨୪।୩ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ କାର୍ଯ୍ୟାଳୟକୁ ଘେରିଲେ ହିତାଧିକାରୀ। ବ୍ଲକ ଅଧୀନ ବିଭିନ୍ନ ଗ୍ରାମର ହିତାଧିକାରୀ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅଫିସ୍ ଘେରାଉ କରି ଧାରଣା ଦେଇଥିଲେ। ଦିବ୍ୟାଙ୍ଗମାନଙ୍କ ବିବାହ ପ୍ରୋତ୍ସାହନ ରାଶି, ଦିବ୍ୟାଙ୍ଗମାନଙ୍କର ସ୍ୱୟଂସହାୟକ ଗୋଷ୍ଠୀ ଗଠନ, ତାଙ୍କ ସନ୍ତାନମାନଙ୍କୁ ଶିକ୍ଷା ପାଇଁ ସହାୟତା ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନରେ ସାମିଲ, ଆଦିମ ଜନଜାତିର ହିତାଧିକାରୀଙ୍କୁ ଆଗ୍ରାଧିକାର ଭିତ୍ତିରେ ସରକାରୀ ଯୋଜନାରେ ସାମିଲ କରିବା, ୭୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ଶତ ପ୍ରତିଶତ ଭିନ୍ନକ୍ଷମ ଭତ୍ତା ହିତାଧିକାରୀଙ୍କୁ ବ୍ୟାଙ୍କ ଖାତା ବଦଳରେ ସିଧାସଳଖ ହାତରେ ପ୍ରଦାନ ଆଦି ଦାବି କରିଥିଲେ। ଅପରାହ୍ନରେ ବିଡିଓ ସାଗର ପାଲୋ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ବଜ୍ରପାତ ସୁରକ୍ଷା ଅଭିଯାନ


କୁଳପତିଙ୍କ ଗହଣରେ ଅତିଥି ଓ ଛାତ୍ରୀଛାତ୍ର।

ରୂପସା,୨୪।୩(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟରେ ବଜ୍ରପାତ ସୁରକ୍ଷା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ରୋକା ଯାଇପାରିବ ଓ ସାଧାରଣ ଜନଜୀବନ ସୁରକ୍ଷିତ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ମନୋରଞ୍ଜନ ମିଶ୍ର ବଜ୍ରପାତରୁ ସୁରକ୍ଷା ପାଇଁ ବିଭିନ୍ନ ଆତ୍ମକୌଶଳ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ନିହାର ରଞ୍ଜନ ରାଉତ, ପ୍ରଫେସର ଅଶାନ୍ତ ରାଉତରାୟ, ପ୍ରଫେସର ଅସୀମ ଅମିତାଭ ପ୍ରଧାନ ପ୍ରମୁଖ ଯୋଗଦେଇ ମୋବାଇଲ ଆପ୍ସରେ ବଜ୍ରପାତ ସମ୍ପର୍କିତ ସୁରକ୍ଷା ବାର୍ତ୍ତା ଦେଇଥିଲେ।

ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଏହି ଉତ୍ସବରେ ଅଧକ୍ଷତା କରି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଶମ୍ଭୁନାଥ ଗିରି, ଅଧ୍ୟାପକ ସତ୍ୟେନ୍ଦ୍ର ପାଲ,ଅଧ୍ୟାପକ ତପନ ଦାସ, ଅଧ୍ୟାପକ ହରେନ୍ଦ୍ର ଗାଁଣ, ଅଧ୍ୟାପକ ବିଜୟ ବେହେରା, ଅଧ୍ୟାପିକା ରୋଜାଲିନ ସ୍ୱାଇଁ, ଇତିଶ୍ରୀ ମହାନ୍ତ, ବାସନ୍ତୀ ସାହୁ, ଶ୍ରବଣ ନାୟକ, ଅଧ୍ୟାପକ ଚନ୍ଦନ ଦାସ, ଶାନ୍ତନୁ ଜେନା ପ୍ରମୁଖ ବଜ୍ରପାତ ସୁରକ୍ଷା ବାର୍ତ୍ତା ଦେଇଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସଂସଦ ସଦସ୍ୟ, ମୀରାବାଈ ଏସ୍‌ଏଚ୍‌ଜି ସଦସ୍ୟା ଓ ଛାତ୍ରୀଛାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ସୋରିଷଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧାମନଗର,୨୪।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସୋରିଷଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପତିଙ୍କୁ ପଦୋନ୍ନତିଜନିତ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ସିଆର୍‌ସିସି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ, ମୁଖ୍ୟବକ୍ତା ଏବିଓ ସତ୍ୟସୁନ୍ଦର ପରିଡ଼ା, ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ଶିକ୍ଷକ ନିର୍ମଳ ବେହେରା ଓ କାଇରାସିଂ କୋଡ଼ଡା ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏମ୍.ଡି. ମୁଜାଫର ହୋସେନ ସ୍ୱାଗତ ଭାଷଣ ଓ ଶିକ୍ଷକ ସନାତନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଚାଳନା କମିଟି ସଭାପତି ଜ୍ଞାନରଞ୍ଜନ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

**ଆନନ୍ଦପୁର ପୌର ପରିଷଦ ବିବାଦ**

# ପ୍ରଣବଙ୍କୁ ଭେଟିଲେ କାଉନ୍‌ସିଲର

ଆନନ୍ଦପୁର,୨୪।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ବିବାଦ ଓ ପୌରାଞ୍ଚଳର ବିକାଶଧାରାକୁ ସ୍ୱାଭାବିକ କରିବା ଲକ୍ଷ୍ୟରେ ଶୁକ୍ରବାର କାଉନ୍‌ସିଲରମାନେ ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥି ସହିତ ଭୁବନେଶ୍ୱରଠାରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଓ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଆଲୋଚନା ମଧ କରିଛନ୍ତି। ପୌର ନିର୍ବାଚନ ପରଠାରୁ ବିଭିନ୍ନ ସମୟରେ ଅଧକ୍ଷା ଏବଂ କାଉନ୍‌ସିଲରମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଓ ବିବାଦ କାରଣରୁ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବାଧା ସୃଷ୍ଟି ହୋଇଛି। ପୌରନିର୍ବାଚନକୁ ବର୍ଷେ ଅତିକ୍ରାନ୍ତ କରିଯାଇଥିଲେ ବି ବିଭିନ୍ନ ସମୟରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଲାଗି ରହିଥିବା ସମସ୍ୟା ଉଦ୍‌ବେଗର କାରଣ ପାଲଟିଛି। ଅନେକ ସମୟରେ ରିଜୋଲ୍ୟୁସନ୍‌ରେ ପାରିତ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବାଧା ସୃଷ୍ଟି ହେଉଥିବା, ଏପରିକି ଟେଣ୍ଡର ହୋଇପାରୁ ନ ଥିବାରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା, ପୌରକାର୍ଯ୍ୟାଳୟରୁ ଫାଇଲ୍ ଚୋରି ଭଳି ଘଟଣା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଆନନ୍ଦପୁର ପୌରାଞ୍ଚଳର ଉନ୍ନୟନ କାର୍ଯ୍ୟରେ ରହିଥିବା ସମସ୍ୟାକୁ ନେଇ ପୌରଉପାଧକ୍ଷ ଦୁର୍ଗାଚରଣ ଦଳେଇଙ୍କ ନେତୃତ୍ୱରେ କାଉନ୍‌ସିଲରମାନେ ବିଜେଡି ସଂଗଠନ ସମ୍ପାଦକଙ୍କୁ ଭେଟି ଆଲୋଚନା କରିଥିବା ୭ ନଂ. ୱାର୍ଡ଼ କାଉନସିଲର କୃଷ୍ଣଚନ୍ଦ୍ର ରଣା କହିଛନ୍ତି। ତେବେ ଖୁବ୍ ଶୀଘ୍ର ସମସ୍ତ ସମସ୍ୟାକୁ ନେଇ ଏକ ଲିଖିତ ଅଭିଯୋଗ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ ବୋଲି ମଧ କହିଥିଲେ।

ପ୍ରକାଶଯୋଗ୍ୟ, ଗତ ସୋମବାର ହାତଡ଼ିହୀ ବ୍ଲକ୍‌ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉଭୟ ଅଧକ୍ଷା ଏବଂ କାଉନ୍‌ସିଲରମାନେ ପୃଥକ ଭାବେ ଦାବିପତ୍ର ପ୍ରଦାନ କରିବା ଘଟଣା ଚର୍ଚ୍ଚାକୁ ଆସିଥିଲା। ପରବର୍ତ୍ତୀ ସମୟରେ ଘଟଣାରେ ପରୋକ୍ଷ ଭାବେ ଜଡ଼ିତ ଥିବା ବିଜେଡି ଯୁବନେତା ତଥା ପୂର୍ବତନ ପୌରାଧକ୍ଷ ଶାନ୍ତନୁ ସେଠୀଙ୍କୁ ବିଜେଡିରୁ ବହିଷ୍କାର କରିବା ଘଟଣା ରୋଚକ ମୋଡ଼ ନେଇଥିଲା।

## ଜଗନ୍ନାଥ ଶିକ୍ଷା ଶିବିର,ଗୀତା ଯଜ୍ଞ

ଖଇରା,୨୪।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳା ପଡ଼ିଆରେ ଜଗନ୍ନାଥ କଥାମୃତ ଶିକ୍ଷା ଶିବିର, ଅଧ୍ୟାତ୍ମିକ ପ୍ରବଚନ,ଗୀତା ଯଜ୍ଞ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯ତାରିଖ ସକାଳେ ଜଗନ୍ନାଥ ସଂସ୍କୃତି ପରିଷଦ କର୍ମକର୍ତ୍ତାମାନେ ପ୍ରବଚନ ପ୍ରଦାନ କରିଥିଲେ। ଅପରାହ୍ନରେ ଚାରଣ ଗୋଷ୍ଠୀର କର୍ମକର୍ତ୍ତା ଡ. ଶରତ ଚନ୍ଦ୍ର ମହାନ୍ତି, ଶ୍ରୀମନ୍ଦିରର ଦଇତାପତି ଲୋକନାଥ ଦାସମହାପାତ୍ର, ବେଶକାର ଡ. ଗୋପୀନାଥ ସାହୁ, ଚାରଣ ଗୋଷ୍ଠୀର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସ ପୂର୍ବାହ୍ନରେ ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖା ତଥା ପତିରାଜପୁର ମେଳା କମିଟି ଆନୁକୂଲ୍ୟରେ ଗୀତା ଯଜ୍ଞ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଓଡ଼ିଶା ସଂସ୍କୃତି ବିଭାଗ ପ୍ରଦତ୍ତ ଓଏନ୍‌ଏସ୍ ଇଭେଣ୍ଟସ୍ ପୁରୀର କଳାକାରମାନଙ୍କ ଦ୍ୱାରା ଭକ୍ତିସଙ୍ଗୀତ ପରିବେଷଣ କରାଯାଇଥିଲା। ଚାରଣ ଗୋଷ୍ଠୀ ଆଞ୍ଚଳିକ ଶାଖାର ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ନିର୍ମଳ କୁମାର ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, ରମଣି ରଞ୍ଜନ ନାୟକ, ପତିରାଜପୁର ମେଳା କମିଟିର ସଭାପତି ପୀତାମ୍ବର ପଟ୍ଟନାୟକ, ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଶିକ୍ଷକ କୈଳାସ ଚନ୍ଦ୍ର ସେଣ୍ଠ, ବଳରାମ ପଣ୍ଡା, ଭୀଷ୍ମ ଚରଣ ନାୟକ ପ୍ରମୁଖ ଶିବିର ଓ ଯଜ୍ଞ ପରିଚାଳନା କରିଥିଲେ।


ଚାରଣ ଗୋଷ୍ଠୀଙ୍କ ଦ୍ୱାରା ଆଧ୍ୟାତ୍ମିକ ଆଲୋଚନା।

## ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

ବାଲେଶ୍ୱର ଅଫିସ,୨୪।୩

**ଜିଲା ସଡ଼କ ସୁରକ୍ଷା କମିଟିର ଶୂନ୍ୟ ବିପତ୍ତି ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି**

ବାଲେଶ୍ୱର ଜିଲା ସଡ଼କ ସୁରକ୍ଷା କମିଟିର ଶୂନ୍ୟ ବିପତ୍ତି ସପ୍ତାହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ଦଳବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେଶ ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲସେନ ଜଗଦ୍ଦେବ ଉପସ୍ଥିତ ରହି ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ବୈଠକରେ ପୋଲିସ ବିଭାଗ, ଜାତୀୟ ରାଜପଥ ବିଭାଗ, ପୂର୍ତ୍ତ ବିଭାଗ, ଜିଲା ଶିକ୍ଷା ବିଭାଗ, ବିଭିନ୍ନ ପୌର ପାଳିକାର ଅଧିକାରୀ ଗଣ ଏବଂ ବିଭିନ୍ନ ମୋଟର ଯାନ ସଂଘର କର୍ମକର୍ତ୍ତାମାନେ ଯୋଗଦେଇ ଆସନ୍ତା ଅପ୍ରେଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଶୂନ୍ୟ ବିପତ୍ତି ସପ୍ତାହକୁ ସଫଳ ରୂପାୟନ ଦେବା ନିମନ୍ତେ ଆଲୋଚନା କରିଥିଲେ। ଗାଡ଼ି ଗୁଡ଼ିକର ଲାଇଟ୍ ଏବଂ ଅନ୍ୟାନ୍ୟ ମେକାନିକାଲ ଅଂଶକୁ ଏହି ସପ୍ତାହ ପାଳନ ଅବସରରେ ସମ୍ପୂର୍ଣ୍ଣ ଠିକ୍ ରଖିବା, ମଦ୍ୟ ପାନ କରି ଗାଡ଼ି ନ ଚଳାଇବା, ଦୁର୍ଘଟଣା ପ୍ରବଣ ଚିହ୍ନିତ ଅଞ୍ଚଳରେ ଅଧିକ ସତର୍କତାର ସହ ଗାଡ଼ି ଚଳାଇବା, ଟ୍ରାଫିକ ନିୟମକୁ କଡ଼ାକଡ଼ି ପାଳନ କରିବା ଆଦି ଉପରେ ମୋଟର ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଯୋଡ଼ାରେ ନିଯୁକ୍ତିଭିତ୍ତିକ ପରାମର୍ଶ ଚୟନ ଶିବିର

କେନ୍ଦୁଝର/ଯୋଡ଼ା,୨୪।୩ (ସ୍ୱ.ପ୍ର./ଡି.ଏନ୍.ଏ)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ଯୋଡ଼ା ବ୍ଲକ୍ ପରିସରରେ ବ୍ଲକ୍ ପ୍ରଶାସନ ସହଯୋଗରେ ଏକ ନିଯୁକ୍ତି ଭିତ୍ତିକ ପ୍ରାକ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାୟକ ନିଯୁକ୍ତି ଶିବିରକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଯୁବତୀ ଯୁବକମାନଙ୍କୁ ଦକ୍ଷତା ଭିତ୍ତିକ ଟ୍ରେନିଂର ଉପକାରିତା ଉପରେ ଆଲୋଚନା କରିଥିଲେ। ବ୍ଲକ୍ ଉପାଦକ୍ଷା ମାଳତୀ ଖଟୁଆ, ଜିଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ଉପସ୍ଥିତ ଥିବା ଯୁବତୀ ଯୁବକମାନଙ୍କୁ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଜ୍ଞାନରଞ୍ଜନ ମହାପାତ୍ର ଏମ୍‌ସିସି ପରାମର୍ଶଦାତା ଟେକ୍ନୋଲୋଜି ସହ ଯୋଡ଼ି ହୋଇ କ୍ୟାରିୟର ଗଢ଼ିବାକୁ ପରାମର୍ଶ ଦେଇଥିଲେ। ନିଯୁକ୍ତି କର୍ମଶାଳରେ ମାଇନିଂ ଇଞ୍ଜିନୟରିଂ ସ୍କୁଲ କେନ୍ଦୁଝର, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଆନନ୍ଦପୁର ଏବଂ ବଡ଼ବିଲ, ସିପେଟ ପାରାଦୀପ, ଅଲ ଟୁରିଷ୍ଟି କଟକ, ଟିଡିୟୁ କଟକର ପ୍ରତିନିଧିମାନେ ଭାଗ ନେଇ ନିଯୁକ୍ତି ସୁଯୋଗ ବିଷୟରେ ଅବଗତ କରାଇଥିଲେ। ବ୍ଲକ୍ ପ୍ରକଳ୍ପ ପରିଚାଳକ ଦିବାକର ମାଝି ଉପସ୍ଥିତ ରହି ଚୟନ ଶିବିରକୁ ପରିଚାଳନା କରିଥିଲେ।



ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବୈଶିଙ୍ଗା, (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ଗ୍ରାମର ସଞ୍ଜୁକ୍ତା ସେଠୀ ନାମ୍ନୀ ମହିଳାଙ୍କର ଶୁକ୍ରବାର ସନ୍ଧ୍ୟାରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସଞ୍ଜୁକ୍ତାଙ୍କର ରକ୍ତ ବାନ୍ତି ହେବାରୁ ତାଙ୍କୁ ପ୍ରଥମେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ଥାନା ଏସ୍‌ଆଇ ବୋଇତ ବେହେରା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ଶ୍ୱଶୁର ଘରେ ନିଆଁ ଲଗାଇ ଜ୍ୱାଇଁ ଗିରଫ

ସୋର, ୨୪।୩ (ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମସ୍ଥିତ ଶ୍ୱଶୁରଙ୍କ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ଜ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ମାନସ ଦେଉରୀ। ସୂଚନା ଅନୁଯାୟୀ, ଗ୍ରାମର ସନ ପାତ୍ରଙ୍କ ଝିଅ ବୀଣା ପାତ୍ରଙ୍କୁ ବିବାହ କରି ମାନସ ଘର ଜ୍ୱାଇଁ ଭାବରେ ରହୁଥିଲେ। ବୁଧବାର ମଧ୍ୟାହ୍ନରେ ପାରିବାରିକ କଳହରୁ ଉତ୍ତ୍ୟକ୍ତ ହୋଇ ସେ ଶ୍ୱଶୁରଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ସନଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ସନଙ୍କ ପରିବାର ଏବଂ ଗ୍ରାମବାସୀ ମାନସଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

### ପବିତ୍ର ରମଜାନ ମାସ ଆରମ୍ଭ

ଭଦ୍ରକ ଅଫିସ, ୨୪।୩-ଚନ୍ଦ୍ରଗଣନା ଅନୁଯାୟୀ ଗୁରୁବାରଠାରୁ ପବିତ୍ର ରମଜାନ ମାସ ଆରମ୍ଭ ହୋଇଛି। ଭଦ୍ରକର ପ୍ରତ୍ୟେକ ମସ୍‌ଜିଦରେ ତରାୱିହ ନମାଜ ପାଠ ହୋଇଛି। ରମଜାନ ମାସ ଧର୍ମ ଓ ଦାନ ମାସ ଭାବେ ସର୍ବତ୍ର ପରିଚିତ। ରମଜାନ ମାସର ଉଦ୍ଦେଶ୍ୟ ହେଲା ନିଜକୁ ପବିତ୍ର ରଖିବା। ୧୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଝିଅପୁଅ ଏବଂ ମହିଳା ପୁରୁଷ ସମ୍ପୂର୍ଣ୍ଣ ଏକ ମାସ ଉପବାସ ରଖନ୍ତି। ସୂର୍ଯ୍ୟ ଉଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ରହିବାକୁ ପଡ଼େ ଏବଂ ସନ୍ଧ୍ୟା ଅଜାନ ଶୁଣିଲା ପରେ ରୋଜା ଭଙ୍ଗ କରି ଇଫତାର କରାଯାଏ ବୋଲି ଭଦ୍ରକ ମୁସ୍‌ଲିମ ଜମାତର ସଭାପତି ହାଜୀ ଅବଦୁଲ ବାରୀ ଓ ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର ପ୍ରକାଶ କରିଛନ୍ତି। ରମଜାନ ମାସ ଉପଲକ୍ଷେ ଭଦ୍ରକ ଜାମା ମସ୍‌ଜିଦ ସହ ପ୍ରତ୍ୟେକ ମସ୍‌ଜିଦକୁ ରଙ୍ଗ ବେରଙ୍ଗର ଆଲୋକରେ ସଜ୍ଜିତ କରାଯାଇଛି।

### ଶ୍ରୀରାମ ଚରିତ ନବରାତ୍ର ନାମଯଜ୍ଞ

ଭଦ୍ରକ ଅଫିସ,୨୪।୩-ଭଦ୍ରକ ସହରର ଶ୍ରୀ ଲୋକନାଥ ମନ୍ଦିର ପରିସରରେ ଚିନ୍ତା ଚେତନା ଆଧ୍ୟାତ୍ମିକ ପରିଷଦ ପକ୍ଷରୁ ୪୦ତମ ଶ୍ରୀରାମ ଚରିତ ନବରାତ୍ର ନାମଯଜ୍ଞ ତଥା ରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ପ୍ରତି ସନ୍ଧ୍ୟାରେ ଚାଲୁଛି। ଆସନ୍ତା ୩୦ ତାରିଖ ରାମନବମୀ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ପରିଷଦର ପ୍ରତିଷ୍ଠାତା ସମ୍ପାଦକ ରାମନାରାୟଣ ପାଣିଗ୍ରାହୀ ଓ ସଭାପତି ଶିଶୁ ସାହିତ୍ୟିକ ହରମୋହନ କୁଅଁର ରାମଚରିତ ମାନସ ପାରାୟଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଘନଶ୍ୟାମ ଲେଙ୍କାଙ୍କ ବେଦ ପାଠ ପରେ ପ୍ରବଚକ ବାଣୀ ଭାରତୀ ଡ. ଗୁରୁ ପ୍ରସାଦ ମହାପାତ୍ର ସନ୍ଥ ତୁଳସୀ ଦାସଙ୍କ ରାମ ଚରିତ ମାନସ ଉପରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ଏହି ଅବସରରେ ସନ୍ଥ ତୁଳସୀ ଦାସଙ୍କ ରଚିତ ରାମ ଚରିତ ମାନସର ଚୌପାହୀ ଦୋହାକୁ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଓଡ଼ିଆ ଭାଷାରେ ଅନୁବାଦିତ କାବ୍ୟଗ୍ରନ୍ଥକୁ ପ୍ରବଚକ ମହାପାତ୍ର ଉନ୍ମୋଚନ କରିଥିଲେ। ପରିଷଦର ସଭ୍ୟ ଶାନ୍ତନୁ କୁମାର ରାଉତ, କରୁଣାକର ଉପାଧ୍ୟାୟ, ଆଦିତ୍ୟ କୁମାର ନାୟକ, ବିଜୟ କୁମାର ପଣ୍ଡା, ଚନ୍ଦ୍ର ମୋହନ ମହାନ୍ତି, ଅତୁଲ କୁମାର ଦେ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି।

### ଛେଳି ଚୋରି ଅଭିଯୋଗରେ ୨ ଯୁବକ ଅଟକ

ବାହାନଗା,୨୪।୩(ଡି.ଏନ.ଏ.)-ବାହାନଗା ବ୍ଲକ ପଣପଣା ପଞ୍ଚାୟତର ବେତଗଡିଆ ଅଞ୍ଚଳରୁ ଛେଳି ଚୋରାଇ ନେଇ ପଳାଉଥିବା ଦୁଇ ଯୁବକଙ୍କୁ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। ଖନ୍ତାପଡା ଥାନା ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ନିଶ୍ଚିନ୍ତପୁର ଓ ଖଡିପଦା ଅଞ୍ଚଳର ଦୁଇ ଯୁବକ ଶୁକ୍ରବାର ବାଇକ୍‌ରେ ଆସି ବେତଗଡିଆ ଅଞ୍ଚଳସ୍ଥିତ ବିଲରେ ଲୋଚନ ମଳିକଙ୍କ ସ୍ତ୍ରୀ ପଞ୍ଚାଳି ଛେଳି ଚରାଉଥିବା ବେଳେ ତାଙ୍କ ଛେଳିକୁ ଧରି ପଳାଉଥିଲେ। ସେହି ଗ୍ରାମର ଜଣେ ଯୁବକ ରାସ୍ତାରେ ଯାଉଥିବା ବେଳେ ଘଟଣା ସମ୍ପର୍କରେ ଜାଣି ସେମାନଙ୍କ ପିଛା କରିଥିଲେ। ଖନ୍ତାପଡାସ୍ଥିତ ଚିତ୍ତାପଦାଠାରେ ଉଭୟଙ୍କୁ ଅଟକାଇଥିଲେ। ପରେ ଗ୍ରାମବାସୀମାନେ ସେଠାରେ ପହଞ୍ଚି ଯୁବକ ଦ୍ୱୟଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# କାଳବୈଶାଖୀ କ୍ଷୟକ୍ଷତି ଆକଳନ କଲେ ଅଧିକାରୀ

ବୈଶିଙ୍ଗା,୨୪।୩(ଡି.ଏନ.ଏ.)


କ୍ଷତିଗ୍ରସ୍ତ ଚାଷୀ ଓ ଅଧିକାରୀମାନେ।

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଅଞ୍ଚଳରେ ଗତ ତିନିଦିନ ତଳେ ତାଣ୍ଡବ ରଚିଥିଲା। ଏଥିରେ ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ପଞ୍ଚାୟତର ବୁଢ଼ାବଳଙ୍ଗ ନଦୀ ଅବବାହିକା ଓ ଏହାର ଆଖପାଖ ଅଞ୍ଚଳରେ ହୋଇଥିବା ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ଏଥି ସହିତ ଦୁଇ ଦିନ ଧରି ବିଦ୍ୟୁତ ସରବରାହ ଠପ୍ ହୋଇଯାଇଥିଲା। ଗୁରୁବାର ସରକାରୀ ଅଧିକାରୀମାନେ ଅଞ୍ଚଳ ବୁଲି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ପାଟଳିପୁରା ରାଜସ୍ୱ ନିରୀକ୍ଷକ ଶଶଧର ବିନ୍ଧାଣୀ, କୃଷି ବିଭାଗର କର୍ମଚାରୀ ଦେବାଶିଷ ନାୟକ, ଉଦ୍ୟାନ କୃଷି ବିଭାଗର ଗିରିଜା ଶଙ୍କର ପଣ୍ଡା ଓ ପାଟଳିପୁରା ସରପଞ୍ଚ ମମତା ନାୟକ ପ୍ରମୁଖ ନାଖରା, ଡେଁଫୌଦା, ଦେଓପଡ଼ା, ସୋରିଷକୋଠା, ବଡଖିରପଦା, ଶଙ୍କରପୁର ଅଞ୍ଚଳରେ କ୍ଷତି ହୋଇଥିବା ବାଇଗଣ, ବିଲାତି, କଲରା, ଭେଣ୍ଡି, ଜହ୍ନି, ବୋଇତାଳୁ କ୍ଷେତ ବୁଲି ଦେଖିଥିଲେ। ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଆକଳନରୁ ଜଣାପଡ଼ିଛି। କ୍ଷତି ହୋଇଥିବା ଚାଷୀ ବ୍ରଜକିଶୋର ପ୍ରଧାନ, ମନୋରଞ୍ଜନ ବେହେରା, ଶିବନାରାୟଣ ପ୍ରଧାନ, ରତ୍ନାକର ପ୍ରଧାନ, ନିରଞ୍ଜନ ସାହୁ, ଗଙ୍ଗାଧର ସିଂ, ଲକ୍ଷ୍ମୀମଣି ସାହୁ, ବିନ ସିଂ, ସଞ୍ଜୟ ଘଡ଼େଇ, ପ୍ରଦୀପ ଦାସ, ଗୋପୀନାଥ ଜେନା, କୃଷ୍ଣଚନ୍ଦ୍ର ପାଲ, ଗୋବର୍ଦ୍ଧନ ସାହୁ, ଚକ୍ରଧର ଜେନା, ଅଜିତ ଜେନା, ସର୍ବେଶ୍ୱର ଜେନା, ଗୋପୀନାଥ ସାହୁ ପ୍ରମୁଖ କ୍ଷତିପୂରଣ ପାଇବା ପାଇଁ ଗୁହାରୀ କରିଛନ୍ତି।

# କଂଗ୍ରେସ ପକ୍ଷରୁ ବିକ୍ଷୋଭ


ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ପ୍ରସଙ୍ଗ

ବାଲେଶ୍ୱର ଅଫିସ,୨୪।୩

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କାରାଦଣ୍ଡ ପ୍ରତିବାଦରେ ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଫକୀର ମୋହନ ଗୋଲେଇଠାରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ ଫକୀର ମୋହନ ଗୋଲେଇରେ କେନ୍ଦ୍ର ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକାକୁ ଦାହ କରାଯାଇଥିଲା। ସେହିପରି ଆସନ୍ତା ସୋମବାର ମଧ ପ୍ରତିବାଦ କରି ପଦଯାତ୍ରା କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଉପ-ସଭାପତି ଗୋପୀନାଥ ପାଢ଼ୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ଜୋତ୍ସ୍ନା ସେନାପତି, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର ସଭାପତି ଗୌତମ ସାହୁ, ଜୀବନ ମହାପାତ୍ର, ସଦର ନେତା ସରୋଜ ଲେଙ୍କା, ବିକାଶ ଦାସ, ବିଦ୍ୟାଧର ମହାନ୍ତି, ସଞ୍ଜିବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବାରିପଦା ଅଫିସ, ୨୪।୩

ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ବାରିପଦାଠାରେ ପ୍ରତିବାଦ କରାଯାଇଛି। ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପପ୍ରଚାର ଏବଂ ତାଙ୍କ ସ୍ୱରକୁ ଦବାଇବା ପାଇଁ ଭାଜପା ଓ ମୋଦି ସରକାରଙ୍କ ହୀନ ଉଦ୍ୟମ, ଷଡ଼ଯନ୍ତ୍ର କହି ନିନ୍ଦା କରିଛନ୍ତି କଂଗ୍ରେସ କର୍ମକର୍ତ୍ତା। ଜିଲା ସଭାପତି ହେମନ୍ତ ଦାସ, ବାରିପଦା ଟାଉନ ସଭାପତି ଶାନ୍ତନୁ ପାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ପିସିସି ସଭ୍ୟ ଅରବିନ୍ଦ ଦାସ, ନିରୋଜ ଲୋଚନ ଦାସ, ପୂର୍ବତନ ଉପନଗରପାଳ ପ୍ରଦୀପ ମିଶ୍ର, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଶିବାନନ୍ଦ ଜାନେନ୍ଦ୍ର ଦାସ, ବିକାଶ ମହାଭୋଇ, ସୁକୁମାର ପ୍ରଧାନ, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର, ଟାଉନ ସଭାନେତ୍ରୀ ରଶ୍ମିତା ମିଶ୍ର, କାର୍ତ୍ତିକ ମହାନ୍ତ, ଭବାନୀ ସାହୁ, ଆରବ ପଣ୍ଡା, ବୁଧୁରାମ ସିଂ, ଶେଖ୍ ମୟୁନୁଦ୍ଦିନ, ଶେଖ୍ କଲାମ ପ୍ରମୁଖ ଯୋଗ ଦେଇଥିଲେ।

# ନିଶ୍ଚେତକ ଡାକ୍ତର ସମସ୍ୟା ନେଇ ସିନିୟର ସିଟିଜେନ ଫୋରମର ଆଲୋଚନା


ମହାବିଦ୍ୟାଳୟ ସୁପରିଣ୍ଟେଣ୍ଡେଣ୍ଟ ଓ ସିନିୟର ସିଟିଜେନ ଫୋରମର ସଦସ୍ୟମାନେ।

## ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ

ବାରିପଦା ଅଫିସ, ୨୪।୩

ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ପକ୍ଷରୁ ନିଶ୍ଚେତକ ଡାକ୍ତର ସମସ୍ୟା ନେଇ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟର ଡିନ ଏବଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ ଆଲୋଚନା କରିଥିଲେ। ଭେଷଜ ମହାବିଦ୍ୟାଳୟରେ ନିଶ୍ଚେତକ (ଆନାସ୍ଥେସିୟା) ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନ ଥିବାରୁ ବେତନଟୀ, ଉଦଳା ଇତ୍ୟାଦି ଦୂର ସ୍ଥାନମାନଙ୍କରୁ ବରିଷ୍ଠ ନାଗରିକଙ୍କ ପରିବାରର ରୋଗୀମାନେ ଅପରେସନ ହେବାକୁ ଆସି ଫେରିଯାଇଥିବାର ଦୃଷ୍ଟି ଆକର୍ଷଣ କରିଥିଲେ। ନିକଟରେ ଆସୋସିଏଟ ପ୍ରଫେସର ଓ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଥିବା କଥା ପ୍ରକାଶ କରିଥିଲେ ମଧ ସଦସ୍ୟମାନେ ବ୍ୟକ୍ତିଗତ ଧ୍ୟାନ ଦେଇ ଅସ୍ତ୍ରୋପଚାର ପାଇଁ ଆସୁଥିବା ସମସ୍ତ ରୋଗୀଙ୍କୁ ଆନାସ୍ଥେସିୟା ପ୍ରକ୍ରିୟାରେ ସହାୟତା କରିବାକୁ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପ୍ରତିଭା ପଣ୍ଡାଙ୍କୁ ଅନୁରୋଧ କରିଥିଲେ। ଏହାସହିତ ମେଡିକାଲ କଲେଜରେ ଆଦୌ ସୁପର ସ୍ପେଶିଆଲିଷ୍ଟ ନିଯୁକ୍ତି ହୋଇ ନ ଥିବାରୁ ଜଟିଳ ରୋଗ ନିରାକରଣ ପାଇଁ କଟକ, ଭୁବନେଶ୍ୱର ରେଫାର ହେଉଥିବା କଥା ଆଲୋଚନା କରିଥିଲେ। ଆଲୋଚନା ପରେ ସାଧାରଣ ସମ୍ପାଦକ ୫-ଟି ସଚିବଙ୍କୁ ଖୁବ୍‌ଶୀଘ୍ର ସମସ୍ତ ବିଭାଗରେ ସୁପର ସ୍ପେଶାଲିଷ୍ଟ ନିଯୁକ୍ତି ପାଇଁ ଅନୁରୋଧ କରି ଚିଠି, ଇ-ମେଲ ଜରିଆରେ ପଠାଇଥିଲେ। ସିଟିଜେନର ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା, ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ, ଉପସଭାପତି ଡ. ସୁଶାନ୍ତ ପାତ୍ର, ସଭ୍ୟ ବାସନ୍ତିଲତା ମହାପାତ୍ର ଏବଂ କୈବଲ୍ୟ ମହାପାତ୍ର ଉପସ୍ଥିତ ରହି ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକାଶ ଥାଉକି, ଗତ ମାର୍ଚ୍ଚ ୫ ରେ ମୟୂରଭଞ୍ଜ ସିନିଅର ସିଟିଜେନ ଫୋରମ ୫-ଟି ସଚିବଙ୍କୁ ବାରିପଦାଠାରେ ଭେଟି ତାଙ୍କୁ କାର୍ଡିଓଲୋଜି ଓ ନେଫ୍ରୋଲଜି ଭଳି ଦୁଇଟି ବିଭାଗରେ ସୁପର ସ୍ପେଶାଲିଷ୍ଟ ନିଯୁକ୍ତି ପାଇଁ ଅନୁରୋଧ କରିଥିଲେ।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ବାହାନଗା,୨୪।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବଜାରରେ ଗୋପାଳପୁର ଅବକାରୀ ଥାନା ପୋଲିସ ଚଢାଉ କରି ୪ କେଜି ଗଞ୍ଜେଇ ଜବତ କରିବା ସହିତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧/୨୩) ରୁଜୁ ହୋଇଛି। ଅଭିଯୁକ୍ତ ଜଣକ ଶୁକ୍ରବାର ଗଞ୍ଜେଇ ଧରି ବାହାନଗା ସ୍ଥିତ ୧୬ନଂ.ଜାତୀୟ ରାଜପଥର ବସ୍ ଷ୍ଟପେଜ ନିକଟରେ ଛିଡ଼ା ହୋଇଥିବା ବେଳେ ଗୋପାଳପୁର ଅବକାରୀ ଥାନା ଅଧିକାରୀ ସତ୍ୟସୁନ୍ଦର ମଲ୍ଲିକ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ।

## କଂଗ୍ରେସର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ଆନନ୍ଦପୁର,୨୪।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ୩ ନଂ. ଜୋନ୍‌ର ବେଲବାହାଲରେ କଂଗ୍ରେସର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗଦେଇ ଆଗାମୀ ୨୦୨୪ ନିର୍ବାଚନ ଆମ ସପକ୍ଷରେ ରହିବ ବୋଲି ମତବ୍ୟକ୍ତ କରିଥିଲେ। ତୃଣମୂଳସ୍ତରରେ ସ୍ଥିତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ପଞ୍ଚାୟତଠାରୁ ଆରମ୍ଭ କରି ଗ୍ରାମସ୍ତରରେ କର୍ମୀମାନଙ୍କୁ ଏକଜୁଟ୍ କରି ସଂଗଠନକୁ ମଜଭୁତ୍ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଏକାଦଶୀ ସାହୁଙ୍କ ସଭାପତିତ୍ୱରେ ଯୁବ କଂଗ୍ରେସ ନେତା ମନୋଜ ଜେନା, ଜିଲା ସମ୍ପାଦକ ହାଡ଼ିବନ୍ଧୁ ଖୁଣ୍ଟିଆ, ସଞ୍ଜୟ ଜେନା, ଗୋଲଖ ସ୍ୱାଇଁ, ରବିନ୍ଦ୍ର ସାହୁ, ଯୋଗେନ୍ଦ୍ର ମାଝୀ, ରୋହିତ ସାହୁ, ନୁରି ସାହୁ, ଟିକିନା ପଟ୍ଟନାୟକ, କାଳିଆ ଜେନାଙ୍କ ସହିତ ବହୁ କଂଗ୍ରେସ ନେତା, କର୍ମୀ ଯୋଗଦେଇଥିଲେ।

# ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କୁ ସମ୍ବର୍ଦ୍ଧନା


ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର, ପୌରାଧ୍ୟକ୍ଷା ନୀକୁ ସାହୁଙ୍କ ସହ ଅନ୍ୟମାନେ।

କେନ୍ଦୁଝର,୨୪।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଇଁ ଗୌରବ ଆଣିଥିବା କଣ୍ଢେଇ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କୁ ଅଟୋପୁର ଦୁର୍ଗାପୂଜା କମିଟି ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପଦ୍ମଶ୍ରୀ କୁଅଁର ଶୁକ୍ରବାର କେନ୍ଦୁଝରରେ ପହଞ୍ଚିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଏହି ଅବସରରେ କମିଟି ସଭାପତି ସନ୍ଦୀପ ବେହେରାଙ୍କ ଆହ୍ୱାନ କ୍ରମେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସହରର ବିଭିନ୍ନ ବର୍ଗର ଲୋକଙ୍କ ସମେତ କେନ୍ଦୁଝର ଗଡ଼ ପୌରାଧ୍ୟକ୍ଷା ନୀକୁ ସାହୁ ଉପସ୍ଥିତ ହୋଇଥିଲେ। ସେ ଦେଶର ଶ୍ରେଷ୍ଠ ସିଭିଲିଆନ ପୁରସ୍କାର ପାଇ ଜିଲାକୁ ଗର୍ବିତ କରିଥିବାରୁ ସମସ୍ତେ ପ୍ରଶଂସା କରିଥିଲେ। ଉଦବୋଧନରେ କଣ୍ଢେଇ ନୃତ୍ୟ ଓ କଳାକୁ ଉଦ୍‌ଜୀବିତ କରି ରଖିବା ପାଇଁ କରିଥିବା ସଂଗ୍ରାମ ବିଷୟରେ କହିବା ସହ ମର୍ଯ୍ୟାଦା ସମ୍ପନ୍ନ ପୁରସ୍କାର ପାଇଁ ଜିଲାବାସୀଙ୍କୁ ଶ୍ରେୟ ଦେଇ ନିଜର ମହାନତାକୁ ପ୍ରଦର୍ଶନ କରିଥିଲେ। ବିଳମ୍ବରେ ହେଉ ପଛେ ତାଙ୍କୁ ଏହି ସମ୍ମାନ ମିଳିଥିବାରୁ ସେ ଖୁସି ବ୍ୟକ୍ତ କରି ସହଯୋଗ ଓ ସହାୟତା ମିଳିଲେ ଏହି କଳାକୁ ଏକ ନୂଆ ରୂପ ଦେଇ ପାରିବେ ବୋଲି କହିଛନ୍ତି।

# ଯକ୍ଷ୍ମା ଦିବସରେ ସଚେତନତା ଶୋଭାଯାତ୍ରା



ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

ମୋରଡା,୨୪।୩ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ବାରମା କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ହାମ୍ବିରା ମୁର୍ମୁଙ୍କ ନିର୍ଦ୍ଦେଶକ୍ରମେ ମୋରଡ଼ା ଡାକ୍ତରଖାନା ପରିସରରେ ବିଶ୍ୱ ଯକ୍ଷ୍ମା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଡାକ୍ତରଖାନାରୁ ବାହାରି ବଜାର ଓ ଗ୍ରାମ ପରିକ୍ରମା କରିଥିଲା। ବରିଷ୍ଠ ଯକ୍ଷ୍ମା ତଦାରଖକାରୀ ଜୟପ୍ରକାଶ ବେହେରା, ଏସ୍‌ଟିଏଲ୍‌ଏସ୍ ସୁଶାନ୍ତ ପାଲବାବୁ, ଜୟନ୍ତ ପ୍ରଧାନ, ଫକୀର ମୋହନ ସିଂ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଶୋଭାଯାତ୍ରା ପରେ ସମସ୍ତ ଆଶାକର୍ମୀ ଓ ଟିବିସି କର୍ମୀଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଥିଲା। ଯକ୍ଷ୍ମା ରୋଗର କାରଣ, ଲକ୍ଷଣ, ଚିକିତ୍ସା ଏବଂ ସରକାରଙ୍କ ଦ୍ୱାରା ମିଳୁଥିବା ସମସ୍ତ ସୁବିଧା ବିଷୟରେ ଆଲୋଚନା କରାଯାଇଥିଲା।

## ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବର ତୃତୀୟ ସନ୍ଧ୍ୟା

ବାଲିଆପାଳ,୨୪।୩(ସ୍ୱ.ପ୍ର)

ବାଲିଆପାଳର ସଂସ୍କୃତି ଭାରତୀୟ ସଂସ୍କୃତିର ଏକ ଅଂଶ ବିଶେଷ। ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବ କଳା ସଂସ୍କୃତି ଓ ପରମ୍ପରାର ପୁନଃରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଛି ବୋଲି ସ୍ଥାନୀୟ ନେତାଜୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ବରିଷ୍ଠ ଅଧ୍ୟାପକ ତଥା ବାଲିଆପାଳ ଇତିହାସ ଲେଖକ ଡ. ସୁକାନ୍ତ ଗିରି ମୁଖ୍ୟ ଅତିଥି, ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ ମୁଖ୍ୟ ବକ୍ତା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପଙ୍କଜ କୁମାର ତ୍ରିପାଠୀ, ଖବରଦାତା ଦୀନବନ୍ଧୁ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାଲିଆପାଳ ବିକାଶ ପରିଷଦର ସମ୍ପାଦକ ପ୍ରତାପ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପରିଷଦର ଆବାହକ ସତ୍ୟକାମ ମହାନ୍ତି ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟିର ସଦସ୍ୟ କୁମାର କୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ସଭାପତି ଡ. ସୁଶାନ୍ତ ଦାସ, ଜଗବନ୍ଧୁ ଜେନା, ହେମନ୍ତ କୁମାର ଦାସ, ରାମ ରାଉତ, ମନୋଜ ଜେନା ପରିଚାଳନା କରିଥିଲେ।

# ସଂସ୍କୃତି ମନ୍ତ୍ରୀଙ୍କ ବିବୃତିକୁ ନେଇ ଭାଜପାର ବିକ୍ଷୋଭ

ଜଳେଶ୍ୱର,୨୪।୩(ଡି.ଏନ୍.ଏ)

ଗତ ୨୦ ତାରିଖ ପଖାଳ ଦିବସରେ ଭୁବନେଶ୍ୱରଠାରେ ଆୟୋଜିତ ଉତ୍ସବରେ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦେଇଥିବା କେତେକ ବିବୃତିକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୁକ୍ରବାର ଜଳେଶ୍ୱର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ବିଜେଡି ରାଜ୍ୟ ପ୍ରବକ୍ତା ଲେଲିନ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମଞ୍ଚରେ ଲାଗିଥିବା ବ୍ୟାନର ଇଂରାଜୀ ଭାଷାରେ ଲେଖା ଯାଇଥିବା ସମ୍ପର୍କରେ କେତେକ ଖବରଦାତା ପ୍ରଶ୍ନ କରିଥିବା ବେଳେ ଭାଷା ଓ ଲେଖାର କୌଣସି ଗୁରୁତ୍ୱ ନାହିଁ ବୋଲି ମନ୍ତ୍ରୀ ଦେଇଥିବା ଟିପ୍ପଣୀ ବିରୋଧରେ ଜଳେଶ୍ୱର ଭାଜପା ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜଳେଶ୍ୱର ବାସନ୍ତୀ ପଡ଼ିଆଠାରେ ଅନୁଷ୍ଠିତ ସଭାରେ ବିଭାଗୀୟ ମନ୍ତ୍ରୀ ଓଡିଆ ଭାଷା ଓ ସଂସ୍କୃତିକୁ ଅପମାନିତ କରିଥିବାରୁ ଓଡ଼ିଶାବାସୀଙ୍କୁ କ୍ଷମା ପ୍ରାର୍ଥନା ମାଗନ୍ତୁ ବୋଲି ଦାବି କରାଯାଇଥିଲା। ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସମୀର ପାତ୍ର, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଜିଲା ଉପସଭାପତି ପ୍ରବୀର ପ୍ରଧାନ, ସାବିତ୍ରୀ ଜେନା, ଯୁବନେତା ସିଦ୍ଧାର୍ଥ ଶଙ୍କର ପାଳ, ସୁମତୀ ଦେ ପ୍ରମୁଖ ଯୋଗ ଦେଇ ମନ୍ତ୍ରୀଙ୍କ ଏପରି କାର୍ଯ୍ୟକୁ ଦୃଢ ନିନ୍ଦା କରିଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ପାତ୍ରଙ୍କୁ ପଚାରିବାରୁ ଏହା ଏକ ପ୍ରାସଙ୍ଗିକତା ନୁହେଁ ବରଂ ବହୁ ଅଣ ଓଡ଼ିଆ ଏହାକୁ ପାଳନ କରୁଥିବାରୁ ତାହା ଓଡ଼ିଶାବାସୀଙ୍କ ଲାଗି ଗୌରବ ବୋଲି କହିଥିଲେ।

# ଦଳର ସଦସ୍ୟ ନ ଥିଲି: ସୁଧାଂଶୁ

## ବିଜେଡିରୁ ବହିଷ୍କୃତ ନେଇ ପ୍ରତିକ୍ରିୟା

ବନ୍ତ,୨୪।୩(ଡି.ଏନ୍.ଏ.)

ଦଳରେ ସଭ୍ୟ ବିଶୃଙ୍ଖଳିତ ଆଚରଣ କଲେ ତାଙ୍କୁ ବହିଷ୍କାର କରାଯାଏ। ମୁଁ ତ ବିଜେଡିର ସଦସ୍ୟ ହୋଇ ନ ଥିଲି। ଦଳର ଜଣେ ଶୁଭେଚ୍ଛୁ ଓ ସମର୍ଥକ ଭାବେ କାର୍ଯ୍ୟ କରୁଥିଲି। ଦଳକୁ ଭଲ ପାଉଥିବା ବ୍ୟକ୍ତିଙ୍କୁ କିପରି ବହିଷ୍କାର କରାଯାଇ ପାରିବ। ଦଳ ବିରୋଧରେ ଆମେ ପଦଟିଏ ଉଚ୍ଚାରଣ କରିନାହୁଁ। ବର୍ତ୍ତମାନ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ୩୦ଭାଗ ଲୋକ ଖୁଲମଖୁଲା ବିରୋଧ କରୁଛନ୍ତି। ଯେଉଁମାନଙ୍କୁ ଭୟ ଦେଖାଇ ରଖାଯାଇଛି, ସେମାନେ ଆଉ ୩ ମାସ ପରେ ବିରୋଧ କରିବେ ବୋଲି ବିଜେଡିରୁ ବହିଷ୍କୃତ ହୋଇଥିବା ବରିଷ୍ଠ ନେତା ଡ.ସୁଧାଂଶୁ ନାୟକ ଶୁକ୍ରବାର ବନ୍ତଠାରେ ଆହୂତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପୂର୍ବତନ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକ, ପୂର୍ବତନ ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଆଇନଜୀବୀ ମାଧବାନନ୍ଦ ଦାସ, ପୂର୍ବତନ ସରପଞ୍ଚ ଗୋପାଳ ଚନ୍ଦ୍ର ପଣ୍ଡା, ଆନନ୍ଦ ଚନ୍ଦ୍ର ଓଝା, ଟିଲୋ ପଞ୍ଚାୟତ ବିଜେଡି ସଭାପତି ସୁଧୀର କୁମାର ନାୟକ, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଗତ ସୋମବାର ବ୍ଲକ ବିଜେଡିର ୩ ନେତାଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ଜିଲା ସଭାପତି ବହିଷ୍କାର କରିଥିଲେ। ସେମାନେ ଖବରଦାତା ସମ୍ମିଳନୀରେ ନିଜର ପ୍ରତିକ୍ରିୟା ରଖିଛନ୍ତି।

# କ୍ୟାମ୍ପ କୋର୍ଟରେ ୩୨ ମାମଲା ଫଇସଲା

ବାଲେଶ୍ୱର ଅଫିସ,୨୪।୩



ବାଲେଶ୍ୱରରେ ଆୟୋଜିତ କ୍ୟାମ୍ପ କୋର୍ଟ।

ବାଲେଶ୍ୱରସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ମାନବ ଅଧିକାର କମିଶନଙ୍କ ଏକ କ୍ୟାମ୍ପ କୋର୍ଟ ଜିଲା ପ୍ରଶାସନର ସହଯୋଗରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମିଶନଙ୍କ ସଭ୍ୟ ଅସିମ ଅମିତାଭ ଦାଶ ଏହି କ୍ୟାମ୍ପ କୋର୍ଟ କରି ମାନବ ଅଧିକାର ଉଲ୍ଲଂଘନ ବିରୁଦ୍ଧରେ ହୋଇଥିବା ଅନେକ ଅଭିଯୋଗ ମାମଲାର ଶୁଣାଣି କରିଥିଲେ। ବିଦ୍ୟୁତ୍ ଆଘାତ ଜନିତ ମୃତ୍ୟୁ, ହାତୀ ଆକ୍ରମଣରେ ମୃତ୍ୟୁ ଏବଂ ପୋଲିସ ଅତ୍ୟାଚାର ଜନିତ ଅଭିଯୋଗ ଭଳି ଜିଲାରେ ଅଧିକ ସଂଖ୍ୟକ ଅଭିଯୋଗ ରହିଥିବା ଦର୍ଶାଇଥିଲେ।

ଆୟୋଜିତ ଏହି କୋର୍ଟ ଏକ ସଂକ୍ଷିପ୍ତ ଉପକ୍ରମଣିକା ସହ ଆରମ୍ଭ ହୋଇଥିଲା। ଏହି ପ୍ରାରମ୍ଭିକ ଅଧିବେଶନରେ ଯୋଗଦେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କମିଶନଙ୍କ ଏତାଦୃଶ ଲୋକଙ୍କ ପାଖକୁ ଆସି କ୍ୟାମ୍ପ କୋର୍ଟ କରି ମାନବ ଅଧିକାର ଉଲ୍ଲଂଘନ ବିରୁଦ୍ଧରେ ନ୍ୟାୟ ଯୋଗାଇ ଦେବାକୁ ଭୂୟସୀ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଏହି କ୍ୟାମ୍ପ କୋର୍ଟର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଏହି ଅଧିବେଶନରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଏବଂ ରାଜ୍ୟ ମାନବ ଅଧିକାର କମିଶନଙ୍କ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ବିଶ୍ୱଜିତ ମହାପାତ୍ର ଉପସ୍ଥିତ ଥିଲେ। ଏହି କ୍ୟାମ୍ପ କୋର୍ଟରେ ମୋଟ୍ ୩୨ ମାମଲାର ଫଇସଲା ହୋଇଥିଲା। ବିଦ୍ୟୁତ ଆଘାତ ଜନିତ ମୃତ୍ୟୁପାଇଁ ୨୨ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ସମ୍ପୃକ୍ତ ପ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଛାତ୍ରଙ୍କଠାରୁ ମୋବାଇଲ ଲୁଟ୍

ବେତନଟୀ,(ଡି.ଏନ.ଏ): ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥ ପୁରୁଣା ପାଣି ଛକ ନିକଟରେ ଜଣେ ଛାତ୍ରଙ୍କଠାରୁ ଦୁର୍ବୃତ୍ତ ମୋବାଇଲ ଲୁଟି ନେଇଛନ୍ତି। ଏନେଇ ଶୁକ୍ରବାର ବେତନଟୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ (ନଂ. ୧୦୦/୨୩)ରେ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଥାନା ଅଧୀନ ତାରା କୋଟି ଗ୍ରାମର ଦିଲ୍ଲୀପ ବିଶ୍ୱାଳ ଓ ପୁଅ ସିତାଂଶ ବିଶ୍ୱାଳ ସାଇକେଲରେ ଘରକୁ ଫେରୁଥିଲେ। ସେ ସମୟରେ ତିନି ଜଣ ଯୁବକ ବାଇକରେ ଆସି ସିତାଂଶଙ୍କ ହାତରୁ ମୋବାଇଲ ଛଡ଼ାଇ ପଳାଇଯାଇଥିଲେ। ଦିଲ୍ଲୀପଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

### ସଂକ୍ଷେପରେ

## କଲଭର୍ଟରେ ପିଟି ହୋଇ ଯୁବକଙ୍କ ମୃତ୍ୟୁ

ଖୁଣ୍ଟା/ଗୋପବନ୍ଧୁ ନଗର,୨୪।୩(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ପୁରୁଣା ପାଣି-ସୁବର୍ଣ୍ଣମଞ୍ଜରୀ ପ୍ରଧାନମନ୍ତ୍ରୀ ରାସ୍ତାରେ କଲଭର୍ଟରେ ପିଟି ହୋଇ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଖୁଣ୍ଟା ଥାନା ଅଧୀନ ଡୁକୁରା ଗ୍ରାମର ଗୌର ମହନ ସିଂଙ୍କ ପୁଅ କୁଆଁର ସିଂ (୩୫)। ସେ ସନ୍ଧ୍ୟା ସମୟରେ ଉକ୍ତ ଥାନା ଅଧୀନ ଶ୍ୱଶୁର ଘର ଶାଳବଣି ଗ୍ରାମରୁ ନିଜ ଘର ଡୁକୁରା ଗ୍ରାମକୁ ଏକ ସ୍କୁଟି ଯୋଗେ ଫେରୁଥିଲେ। କମଳି ଗ୍ରାମ ନିକଟ ଆରୀକୁଳ ନଦୀ ପୋଲ ବାଡ଼ାରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ସୂଚନା ପାଇ ଶ୍ୱଶୁର ଘର ଓ ସ୍ଥାନୀୟ ଲୋକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୋଲିସ ମୃତଦେହ ଜବତ କରିବା ସହିତ ଦୁର୍ଘଟଣାର ତଦନ୍ତ ଜାରି ରଖିଛି। ଶନିବାର ବ୍ୟବଚ୍ଛେଦ ହେବ ବୋଲି ଥାନା ସୂତ୍ରରୁ ଜଣାପଡ଼ିଛି।

## ଘରେ ପଶି ଟଙ୍କା,ଗହଣା ଲୁଟ୍

ରୂପ୍‌ସା,୨୪।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ଆଙ୍କୋ ଗ୍ରାମର ରଘୁନାଥ ପାତ୍ରଙ୍କ ଘରୁ ଟଙ୍କା, ଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଘରେ ପଶି ଏକ ବାକ୍ସକୁ ବାହାରକୁ ନେଇ ଚାବି ଭାଙ୍ଗି ୨୨ ହଜାର ଟଙ୍କା, ରୁପା ପାଉଁଜି ଏକ ହଳ, ସୁନା ପଲା ଏକ ହଳ, ସୁନା କାନଫୁଲ ଏକ ହଳ ଏବଂ ବିଭିନ୍ନ ଦରକାରୀ କାଗଜପତ୍ର ନେଇ ଚମ୍ପଟ ମାରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

ଭଦ୍ରକ ଅଫିସ, ୨୪।୩-ଭଦ୍ରକ ଜିଲା ପୀରହାଟ ଥାନା ଅଧୀନ ଛତରପଦାର ଦୀପକ କୁମାର ନାୟକ ନାମକ ଯୁବକଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଦୀପକ ଶୁକ୍ରବାର ଭୋର ସମୟରେ ଶୌଚ ହେବା ପାଇଁ ଗାଁ ପାଖ ରେଳ ଧାରଣା ନିକଟରେ ଯାଉଥିବା ବେଳେ ଧାମରାରୁ ଆସୁଥିବା ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୀରହାଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୩) ରୁଜୁ ହୋଇଛି।

## ଖଇରାରେ ହିନ୍ଦୁ ନବ ବର୍ଷ ପାଳନ

ଖଇରା,୨୪।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ହିନ୍ଦୁ ନବବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ଖଇରା ପ୍ରଖଣ୍ଡର ସଭାପତି ବାସୁଦେବ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସୋର ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ମୁଖ୍ୟବକ୍ତା, ଖଇରା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ବିଶିଷ୍ଟ ପାଲାଗାୟକ ଲକ୍ଷ୍ମୀକାନ୍ତ ନାୟକ, ଗାୟତ୍ରୀ ପରିବାରର ପ୍ରବକ୍ତା କୈଳାସ ଚନ୍ଦ୍ର ପୃଷ୍ଟି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲ ପୁରାତନ ଛାତ୍ର ପରିଷଦର ସଭାପତି ମାୟାଧର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏକଲ ବିଦ୍ୟାଳୟର ଆଚାର୍ଯ୍ୟାମାନେ ଉପସ୍ଥିତ ଥିଲେ।

# କେବେ ଖୋଲିବ ହାଡ଼ବନ୍ଧ ପୋଖରୀ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୨୪।୩**



- ୭ କୋଟିରେ ହୋଇଛି ସୌନ୍ଦର୍ଯ୍ୟକରଣ
- ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ
- ପାର୍କରେ ପରିଣତକୁ ନେଇ ବଢ଼ୁଛି ଅସନ୍ତୋଷ

କେନ୍ଦୁଝର ପୁରୁଣା ସହରରେ ସୌନ୍ଦର୍ଯ୍ୟକରଣ ହୋଇଥିବା ହାଡ଼ବନ୍ଧ ପୋଖରୀ ସର୍ବସାଧାରଣଙ୍କ ପାଇଁ ଖୋଲିପାରିନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ଗସ୍ତ ସମୟରେ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ଆଦର୍ଶ ପୋଖରୀକୁ ଲୋକାର୍ପଣ କରିଥିଲେ। ଏହାକୁ ମାସେ ପୂରିଥିଲେ ହେଁ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ନ ଯିବା ଏବଂ ଜନସାଧାରଣଙ୍କ ବ୍ୟବହୃତ ପୋଖରୀକୁ ପାର୍କରେ ରୂପାନ୍ତରିତ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ରାଜାରାଜୁଡ଼ା ଅମଳର ପୋଖରୀକୁ ଖଣିଜ ପାଣ୍ଠି ଅର୍ଥରେ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏଥିରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପୋଖରୀ ମଧ୍ୟରେ ଥିବା ପଥର ଉତ୍ତୋଳନ କରାଯାଇ ନାହିଁ। ଫଳରେ ଏହାକୁ ବୋଟିଂ ଭଳି କାମରେ ବ୍ୟବହାର କରାଯାଇ ପାରିବନାହିଁ। ଉପଯୁକ୍ତ ତଦାରଖ ଅଭାବରୁ କାମର ମାନ ଠିକ୍ ହୋଇ ନାହିଁ। ଅନ୍ୟପକ୍ଷେ ପୂର୍ବରୁ ପୋଖରୀରେ ଲୋକମାନେ ଗାଧୋଇବା ସହ ଧାର୍ମିକ ଓ ଶୁଦ୍ଧି କାମ କରୁଥିଲେ। ପାର୍କ ହେବା ପରେ ପୌର ପ୍ରଶାସନ ପକ୍ଷରୁ ଏହାକୁ ବାରଣ କରାଯାଇଛି। ନିକଟରେ ସେଭଳି ବିକଳ୍ପ ବ୍ୟବସ୍ଥା ଯଥା ପୋଖରୀଟିଏ ନ ଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଉଛି। ପୂର୍ବରୁ ଉକ୍ତ ସ୍ଥାନରେ ଏକ ବ୍ୟୟବହୁଳ ପାର୍କ ନିର୍ମାଣ କରାଯାଇଥିବା ବେଳେ ମାତ୍ର ୫୦ ମିଟର ବ୍ୟବଧାନରେ ପୋଖରୀର ସୌନ୍ଦର୍ଯ୍ୟକରଣ କରି ଅର୍ଥଶ୍ରାଦ୍ଧ କରାଯାଇଛି। ବରଂ ଏଠାରେ ବୋଟିଂ ଭଳି ବ୍ୟବସ୍ଥା କରାଯାଇଥିଲେ ଅଧିକ ଆକର୍ଷଣୀୟ ହୋଇଥାନ୍ତା ବୋଲି ସ୍ଥାନୀୟ ଆଇନଜୀବୀ ସନ୍ତୋଷ ଦାସ କହିଛନ୍ତି। ରାଜାରାଜୁଡ଼ା ଅମଳର ଏହି ପୋଖରୀକୁ ଲୋକଙ୍କ ବ୍ୟବହାର କରିବା ପାଇଁ ରାଜା ପ୍ରତିଷ୍ଠା କରିଥିଲେ। ଏବେ କୌଣସି ବିକଳ୍ପ ବ୍ୟବସ୍ଥା କରା ନ ଯାଇ ଲୋକଙ୍କୁ ବାରଣ କରାଯାଉଛି। ଏତେ ଟଙ୍କା କାହା ସ୍ୱାର୍ଥରେ ଖର୍ଚ୍ଚ ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ତ୍ରିଲୋଚନ ମିଶ୍ର କହିଛନ୍ତି।

ପୋଖରୀର ନିର୍ମାଣ କାମ ୨୦୨୦ ଡିସେମ୍ବର ୩ ରେ ଆରମ୍ଭ ହୋଇ ୨୦୨୧ ଡିସେମ୍ବର୨ରେ ସରିବା ନେଇ ସୂଚନା ଫଳକରେ ଉଲ୍ଲେଖ ହୋଇଛି। କାର୍ଯ୍ୟ ଶେଷ ଅବଧି ୧ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ହେଁ କାମ ସରୁ ନାହିଁ। ଏନେଇ ପ୍ରଶାସନ ପକ୍ଷରୁ ଠିକା ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବାହାବା ନେବାକୁ ଅସମ୍ପୂର୍ଣ୍ଣ ପୋଖରୀକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି ବୋଲି ପୂର୍ବତନ ପୌର ଅଧ୍ୟକ୍ଷ ପ୍ରଭଞ୍ଜନ ପଟ୍ଟନାୟକ କହିଛନ୍ତି।

ଏନେଇ ଜିଲା ଖଣିଜ ପ୍ରତିଷ୍ଠାନ ଓ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି, ଖୁବ୍ ଶୀଘ୍ର ଲୋକଙ୍କ ପାଇଁ ଖୋଲାଯିବ। ଆଲୋକ ବ୍ୟବସ୍ଥା ସହିତ ବ୍ୟାୟାମ, ଯୋଗ ଆଦି କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସକାଳ ସମୟରେ ଫ୍ରି ରହିବ ଏବଂ ସନ୍ଧ୍ୟା ସମୟରେ ଏଣ୍ଟ୍ରି ଫି ଲାଗୁ ହେବ। ସେହି ପଇସାରେ ରକ୍ଷଣାବେକ୍ଷଣ କରାଯିବ ବୋଲି କହିଥିଲେ। ଏନେଇ ଡିଏମ୍‌ଏଫ୍ ମୁଖ୍ୟ ତଥା ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି, କାହିଁକି ଖୋଲାଯାଇ ନାହିଁ ତାହାର ଯାଞ୍ଚ କରିବେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ଅର୍ଦ୍ଧେନ୍ଦୁ



@ଦେବକୀ



@ପ୍ରସନ୍ନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# 'ମହୋତ୍ସବ ଭାଇଚାରାର ସେତୁ ବାନ୍ଧେ'



ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୋଗରାଇ,୨୪।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ନରସିଂହପୁର ଓ କିଶୋରପୁର ଗ୍ରାମ ମହୋତ୍ସବ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସୀମାନ୍ତବାସୀଙ୍କ ସାଂସ୍କୃତିକ ପରମ୍ପରା ଓ ଭାଇଚାରାକୁ ଉଦ୍‌ଜୀବିତ କରିଥାଏ ବୋଲି ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ ପରିସରରେ ୪ଦିନ ବ୍ୟାପୀ ହେଉଥିବା ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଡା. ସୁବଳ ଚନ୍ଦ୍ର ପାଳଙ୍କ ପୌରହିତ୍ୟରେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଭାସ୍କର ଚନ୍ଦ୍ର ମହାନ୍ତି। ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ତଥା ଆଦାନୀ ଗ୍ରୁପ୍‌ର ଓଡ଼ିଶା ସିଇଓ ଶୁଭେନ୍ଦୁ କୁମାର ପରିଡ଼ା ଏହି ମହୋତ୍ସବ ସୀମାନ୍ତବାସୀଙ୍କୁ ଭାଇଚାରା ସମ୍ପର୍କର ସେତୁ ବାନ୍ଧିଥାଏ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଉମେଶ ଚନ୍ଦ୍ର ପାତ୍ର, ଶିକ୍ଷକ ଦେବେନ୍ଦ୍ର ପ୍ରଧାନ, ସରପଞ୍ଚ ଜଗନ୍ନାଥ ସେଠୀ, ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅନନ୍ତ ଦାସ, ଉତ୍ସବ କମିଟିର ସଦସ୍ୟ ରାମକୃଷ୍ଣ ପ୍ରଧାନ, ହିମାଂଶୁ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ବିମଳ ଚନ୍ଦ୍ର ନନ୍ଦୀ ସୂଚନା ପ୍ରଦାନ କରିଥିବା ବେଳେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ ସାମାଜିକକର୍ମୀ ତଥା ଉତ୍ସବ କମିଟିର ସଦସ୍ୟ ସରୋଜ କୁମାର ବେହେରା। ୪ଦିନ ବ୍ୟାପୀ ଏହି ମହୋତ୍ସବରେ ଶ୍ରୀଶ୍ରୀ ଚୈତନ୍ୟ ଦେବଙ୍କ ଅଷ୍ଟମ ପ୍ରହର ନାମ ଯଜ୍ଞ, ହରିନାମ ସଙ୍କୀର୍ତ୍ତନ ଓ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସ୍କୁଲର କୃତି ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବକୁ ଦୁଇଗ୍ରାମର ସ୍ୱେଚ୍ଛାସେବୀମାନେ ପରିଚାଳନା କରିଥିଲେ।

## ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଯକ୍ଷ୍ମା ଦିବସ

**ଗୋପବନ୍ଧୁ ନଗର,୨୪।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୈଠକ ଗୃହରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଡାକ୍ତରଖାନା ଇନ୍‌ଚାର୍ଜ ଡଃ. ସାକିଲା ମୁର୍ମୁଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରର ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସତ୍ୟଜିତ୍ ଦାସ, ବିପିଏମ ଅନୁଭବ ପଟ୍ଟନାୟକ, ଡାକ୍ତର ବିଶ୍ୱରଞ୍ଜନ ସିଂ, ଡ. ଅସିତ୍ ସାହୁ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗର ବିଭିନ୍ନ କାରଣ, ନିରାକରଣ ଦିଗରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଯକ୍ଷ୍ମା ବିଭାଗର କାର୍ଯ୍ୟରତ ଡାକ୍ତର ଭବେଶ ଦ୍ୱିବେଦୀ ସଂଚାଳନ କରିଥିଲେ। ବିଗତ ବର୍ଷେ ମଧ୍ୟରେ ଉକ୍ତ ବ୍ଲକର ୧୨ ଜଣ ଯକ୍ଷ୍ମା ରୋଗରେ ମୃତ୍ୟୁ ବରଣ କରିଥିବା ବେଳେ ଶହେ ପାଖାପାଖି ରୋଗୀ ଚିକିତ୍ସାଧୀନ ଥିବା ସୂଚନା ଦେଇଥିଲେ। ଆସନ୍ତା ୨୦୨୫ ସୁଦ୍ଧା ଭାରତ ଯକ୍ଷ୍ମା ମୁକ୍ତ ଦେଶ ହୋଇ ପାରିବ ବୋଲି କୁହାଯାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ୱାସ୍ଥ୍ୟକର୍ମୀମାନେ ଶପଥ ପାଠ କରିଥିଲେ। ଏଥିରେ ଆଶା କର୍ମୀଙ୍କ ସମେତ ବିଭିନ୍ନ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ।

# ନଦୀ ମଝିରେ ୨ ଭୁଟୁଭୁଟି ଧକ୍କା



ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଭୁଟୁଭୁଟି।

**ଆରଡ଼ି, ୨୪।୩ (ଡି.ଏନ୍.ଏ.)**

- ପାଣିକୁ ଖସିପଡ଼ିଲେ ଶିଶୁ ସମେତ ୨
- ଉଦ୍ଧାର କଲେ ଚାଳକ

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ତିନିତରଠାରେ ଶୁକ୍ରବାର ସାଳନ୍ଦୀ ନଦୀରେ ୨ ଭୁଟୁଭୁଟି ମଧ୍ୟରେ ଧକ୍କା ହୋଇଛି। ଫଳରେ ଶିଶୁ ସମେତ ଦୁଇଜଣ ଭୁଟୁଭୁଟିରୁ ନଦୀକୁ ଖସିପଡ଼ିଥିଲେ। ଚାଳକ ଜଣଙ୍କ ଲାଇଫ ଜ୍ୟାକେଟ ସହାୟତାରେ ଉଭୟଙ୍କୁ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ଚାନ୍ଦବାଲି ଆଡୁ ୧୫ ଯାତ୍ରୀଙ୍କୁ ନେଇ ଏକ ଭୁଟୁଭୁଟି ଆରଡ଼ି ଅଭିମୁଖେ ଆସୁଥିଲା। ଅପରପାର୍ଶ୍ୱରୁ ଏକ ବାଲି ବୋଝେଇ ଭୁଟୁଭୁଟି ଚାନ୍ଦବାଲି ଅଭିମୁଖେ ଯାଉଥିଲା। ନଦୀ ମଝିରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଯୋଗୁ ବାଲି ବୋଝେଇ ଭୁଟୁଭୁଟି ଅନ୍ୟଟିକୁ ଧକ୍କା ଦେଇଥିଲା। ସେଥିରେ ଥିବା ଜଣେ ବୃଦ୍ଧ ଓ ଶିଶୁ ପାଣିରେ ପଡ଼ିଯାଇଥିଲେ। ନଦୀରୁ ଉଦ୍ଧାର ପରେ ଦୁଇଜଣଙ୍କୁ ଚିକିତ୍ସା ପାଇଁ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେମାନେ ସୁସ୍ଥ ହୋଇ ଘରକୁ ଫେରିଥିବା ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ମଲ୍ଲ କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଶିଳାନ୍ୟାସ

**ଭଣ୍ଡାରିପୋଖରୀ,୨୪।୩(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁରଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ ହୋଇଛି। ପ୍ରାୟ ୪୬ ଲକ୍ଷ ଟଙ୍କା ବ୍ୟୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବାକୁ ଥିବା ବେଳେ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଶିଳାନ୍ୟାସ କରିଛନ୍ତି। ସେହିପରି ଗାଁ ମଧ୍ୟସ୍ଥଳରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗୋଷ୍ଠୀ କେନ୍ଦ୍ର ଓ ନୂତନ ସପ୍ତାଗୃହ ପାଇଁ ମଧ୍ୟ ଶୁଭ ଦିଆଯାଇଛି। ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ନୃସିଂହ ଖିଲାର, ପ୍ରତ୍ୟୁଷ ସାମଲ, ମୋହନ ରାୟ, ଭାଗୀରଥି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ନୀଳମଣି ବୋଇତାଇ, ଭାରତ ଭୂଷଣ ନାଥ, ବିଷ୍ଣୁ ବୋଇତାଇ, ଚନ୍ଦନ ଜେନା, ବାବାଜୀ ଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିଳାନ୍ୟାସ ଅବସରରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଓ ଅନ୍ୟମାନେ।

# ୫ ଗ୍ରାମବାସୀଙ୍କୁ ଗିରଫ କଲା ବନ ବିଭାଗ

**ରାସ୍ତା ନିର୍ମାଣ କାର୍ଯ୍ୟରେ ଗଛ କାଟିବା ଘଟଣା**

**ବାରିପଦା ଅଫିସ,୨୪।୩**

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ହଳଦୀବଣି ସେକ୍ସନ ଜଡ଼ିପାଳ ଅଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟରେ ବେଆଇନ ଗଛ କଟାଯିବା ଘଟଣାରେ ବନବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉକ୍ତ ଘଟଣାରେ ୫ଜଣ ଗ୍ରାମବାସୀଙ୍କୁ ବାରିପଦା ବନ ବିଭାଗ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ କୁଳିଅଣା ଥାନା ଅନ୍ତର୍ଗତ ଝିନେଇ ଗ୍ରାମର ବାଙ୍କ ବିହାରୀ ସିଂ(୪୫), ଗୌର ସିଂ(୩୨), ଗୋପାଳ ସିଂ(୩୫), ସୋମନାଥ ସିଂ(୩୨) ଓ ଚୈତନ ସିଂ(୩୩)।

ସୂଚନା ଅନୁଯାୟୀ, ଶିମିଳିପାଳ ପାଦଦେଶ ଅଞ୍ଚଳର ଜଡ଼ାପାଳ-ଝିନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁ ରହିଥିଲା। ରାସ୍ତା ପାର୍ଶ୍ୱରେ ରାତି ଅଧିଆ ମେସିନ ଦ୍ୱାରା ବ୍ୟାପକ ଭାବେ ୬୭ଗୋଟି ଗଛ କଟାଯାଇଥିଲା। ପରେ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରୁ ୧୩୦ ଖଣ୍ଡ କାଠଗଣ୍ଡି ଜବତ କରାଯାଇ ଜଙ୍ଗଲ ଆଇନ ଖିଲାପ କରାଯାଇଥିବା ନେଇ ମାମଲା ରୁଜୁ ହୋଇଥିଲା। ଏସିଏଫଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇ ନୋଟିସ୍ ଜାରି କରାଯାଇଥିଲା। ତଦନ୍ତ ରିପୋର୍ଟ ଅନୁଯାୟୀ ପାଞ୍ଚ ଗ୍ରାମବାସୀ ଗିରଫ କରାଯାଇଛି ବୋଲି ବାରିପଦା ରେଞ୍ଜର ଲକ୍ଷ୍ମୀଧର ବେହେରା ସୂଚନା ଦେଇଛନ୍ତି। ଗଛ କାଟିବା ନେଇ ଠିକାଦାରଙ୍କୁ କୌଣସି ପ୍ରକାର ନିର୍ଦ୍ଦେଶ ଦେଇ ନ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଅଧିକାରୀ ଇଂ ଅଶ୍ୱିନୀ ଦଣ୍ଡପାଟ କହିଛନ୍ତି। ତେବେ କେଉଁ କାରଣ ପାଇଁ କାହା ନିର୍ଦ୍ଦେଶରେ ଗଛ କଟାଗଲା ସେନେଇ ଠିକାଦାରଙ୍କୁ ତଦନ୍ତ ପରିସର ଭୁକ୍ତ କରିବା ଆବଶ୍ୟକତା ରହିଛି। ଘଟଣାରେ ଠିକାଦାରଙ୍କ ସମ୍ପୃକ୍ତି ନେଇ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ ସୂଚନା ଦେଇଛନ୍ତି।



ଗିରଫ ୫ ଗ୍ରାମବାସୀ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସମୀକ୍ଷା

**୨୨୧ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି, ୩୨୨ ଶ୍ରମିକ କାମ ପାଇଛନ୍ତି**

**ଯୋଡ଼ା,୨୪।୩(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ଅଧିକାରୀମାନେ।

କେନ୍ଦୁଝର ଜିଲା ଯୋଡା ବ୍ଲକ୍ ସଭା ଗୃହଠାରେ ଶୁକ୍ରବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନ୍‌ଆର୍‌ଇଜିଏସ୍)ର ବ୍ଲକ୍‌ସ୍ତରୀୟ ଜନଶୁଣାଣି, ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ନିର୍ବାହୀ ଜିଲାପରିଷଦ ଜୟଶ୍ରୀ ବେଉରା, ଜିଲା ସାମାଜିକ ସମୀକ୍ଷକ ଚନ୍ଦନ ଆଇଚ, ଯୋଡ଼ା ବିଡିଓ ଜଗନ୍ନାଥ ହନୁମାନ, ସହକାରୀ ଯନ୍ତ୍ରୀ ଆଜୟ ସାହୁ, ଉପାଧ୍ୟକ୍ଷା ମାଳତୀ ଖଟୁଆ, ଏପିଓ ଭୀମସେନମହାନ୍ତପ୍ରମୁଖଉପସ୍ଥିତଥିଲେ।

କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ୍‌ର ୧୯ ପଞ୍ଚାୟତର ଏମଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହୋଇଥିବା କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପଞ୍ଚାୟତର ଜବକାର୍ଡଧାରୀ ଉପସ୍ଥିତ ରହି ନିଜର ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ଯୋଜନାରେ ସମ୍ପାଦିତ ହୋଇଥିବା ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟର ଆର୍ଥିକ ବିବରଣୀ ସମ୍ପର୍କରେ ସାମାଜିକ ସମୀକ୍ଷା କରାଯାଇଥିଲା। ୧ ଏପ୍ରିଲ ୨୦୨୨ରୁ ୩୦ ସେପ୍ଟମ୍ବର ୨୦୨୨ ପର୍ଯ୍ୟନ୍ତ ସମୁଦାୟ ୧୯,୭୨୪ ଜବକାର୍ଡ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୧୧,୮୧୬ ଜବକାର୍ଡ କାର୍ଯ୍ୟକ୍ଷମ ଅଛି। ଏହି ଆର୍ଥିକ ବର୍ଷରେ ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ୪,୫.୪୩୨ ଥିବା ବେଳେ ସେଥିମଧ୍ୟରୁ ୨,୯୬,୭୮୮ ଶ୍ରମଦିବସ ସୃଷ୍ଟି ହୋଇଥିବା ବୈଠକରେ ଆଲୋଚନା ହୋଇଥିଲା। ଜମି ଉନ୍ନତୀକରଣ, ଖେଳପଡିଆ ନିର୍ମାଣ, କେନାଲ, ଜଳ ସଂରକ୍ଷଣ ପ୍ରକଳ୍ପ, ଚେକଡ୍ୟାମ, ରାସ୍ତା, ସାମୂହିକ ତଥା ଅନ୍ୟାନ୍ୟ ୨୨୧ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ବେଳେ ମାତ୍ର ୧୪ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି। ୩୨୨ଜଣ ଶ୍ରମିକ ୧୦୦ଦିନର କାର୍ଯ୍ୟ କରିଥିବା ନେଇ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଭୀମସେନ ମହାନ୍ତ ପ୍ରକାଶ କରିଥିଲେ। ଯୋଜନାରେ ହାତକୁ ନିଆଯାଇଥିବା କାର୍ଯ୍ୟ ଏବଂ ବିଗତବର୍ଷ ମାନଙ୍କରେ ଉପୁଜିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବ୍ଲକ୍‌ର ୧୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ପିଆରଆଇ ମେମ୍ବର, ଭିଏଲଡବ୍ଲୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

